# କୃଷି ମୌସମ ସେବା
# ଜିଲ୍ଲାସ୍ତରୀୟ ପାଣିପାଗ ଭିତ୍ତିକ କୃଷି ଉପଦେଶ ସେବା
# ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର,କେନ୍ଦୁଝର

---

**ସପ୍ତାହ -16 ତାରିଖ-16.04.2024**

| | Date | Rainfall (mm) | T-MAX (C) | T-MIN (C) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| **Keonjhar** | 17-04-2024 | 0 | 41 | 26 | 1 | 46 | 18 | 9 | 285 |
| | 18-04-2024 | 0 | 41 | 26 | 1 | 47 | 13 | 8 | 158 |
| | 19-04-2024 | 0 | 42 | 27 | 1 | 57 | 10 | 9 | 180 |
| | 20-04-2024 | 0 | 42 | 27 | 1 | 58 | 11 | 7 | 180 |
| | 21-04-2024 | 0 | 41 | 26 | 2 | 74 | 13 | 9 | 198 |

**ପାଣିପାଗ ସାରାଂଶ/ ସତର୍କ:**

IMD ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ପାଞ୍ଚ ଦିନ ମଧ୍ୟରେ **କେନ୍ଦୁଝର ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ନାହିଁ।** ଏହି ସମୟରେ ପାଗ ଶୁଖିଲା ରହିବାର ଆକଳନ କରା ଯାଇଅଛି। ପବନ ର ବେଗ 7-୨ କି. ମି. ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି ଏବଂ ଏହି ସମୟରେ ସର୍ବାଧିକ ତାପମାତ୍ରା 41-42 ଡିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା 26-27 ଡିଗ୍ରୀ ରହିବାର ସମ୍ଭାବନା ରହିଛି।

**ସତର୍କ:**

- କେନ୍ଦୁଝର ଜିଲ୍ଲା କୁ ଆଗାମୀ ଦିନରେ ଗ୍ରୀଷ୍ମ ଲହରୀ ର ସତର୍କ ସୂଚନା ଦିଆ ଯାଉଅଛି। ଦିନ ତାପମାତ୍ରାରେ ବୃଦ୍ଧି ହେବାରୁ ଦିନ ସମୟରେ ବାହାରକୁ ନ ଯିବା ପାଇଁ ପରାମର୍ଶ ଦିଆ ଯାଉଅଛି।

**ସାଧାରଣ ପରାମର୍ଶ:**

- ଅମଳ ହୋଇଥିବା ପନିପରିବା ବଜାର ରେ ଉଚିତ ଦାମ ରେ ବିକ୍ରି କରିଦିଅନ୍ତୁ।
- ଅନ୍ୟ ପନିପରିବା ଯଥା ଲଙ୍କା କିମ୍ବା ଟମାଟ ର ଆଚାର ଓ ସସ ରେ ପରିଣତ କରି ବିକିଲେ ଅଧିକ ଲାଭବାନ ହୋଇପାରିବେ।

- ଆଗାମୀ ଦିନରେ ଗ୍ରୀଷ୍ମଲହରୀ ଥିବାରୁ ଦିନ ବେଳେ ପଶୁ ମାନଙ୍କୁ ବାହାରକୁ ଛାଡନ୍ତୁ ନାହିଁ।

**ସଂକ୍ଷିପ୍ତ ଉପଦେଶ:**

- ଜମି ଶୁଖିଲା ଦେଖା ଗଲେ ଜଳ ସେଚନ କରନ୍ତୁ।

**ଶସ୍ୟ ନିର୍ଦ୍ଦିଷ୍ଟ ଉପଦେଶ:**

| ଶସ୍ୟ | ଶସ୍ୟ ର ଅବସ୍ଥା/ ସ୍ଥିତି | ଶସ୍ୟ ନିର୍ଦ୍ଦିଷ୍ଟ ଉପଦେଶ |
| --- | --- | --- |
| ସୂର୍ଯ୍ୟମୁଖୀ | ଫୁଲ ଅବସ୍ଥା | • ତାପମାତ୍ରା ରେ ବୃଦ୍ଧି ଥିବାରୁ, ନିୟମିତ ସମୟରେ ରେ ଗଛ ରେ ଜଳ ସେଚନ କରନ୍ତୁ।<br>• ପତ୍ର ଦାଗ ର ନିୟନ୍ତ୍ରଣ ପାଇଁ Mancozeb @ 3 g ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।<br>ଧଳା ମାଛି ର ଦମନ ପାଇଁ ଫୋସ୍ଫୋମିଡୋନ (Phosphomidon) @ 0.03% ସିଞ୍ଚନ କରନ୍ତୁ। |
| ବୁଟ | ଫଳ/ଅମଳ ଅବସ୍ଥା | • ପରିପକ୍ୱ ବୁଟ କୁ ଅମଳ କରି ନିଅନ୍ତୁ ଏବଂ ବଜାର ରେ ଉଚିତ ଦାମ ରେ ବିକ୍ରି କରନ୍ତୁ।<br>• ନିୟମିତ ସମୟରେ ଫଳ ବିନ୍ଧା ପୋକ ଉପରେ ନଜର ରଖନ୍ତୁ।<br>• ବୁଟ ରେ ଫଳ ବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧୨.୫ ଲିଟର ନିମ୍ବ ତେଲ କିମ୍ବା ୧ ଲିଟର ପାଣିରେ ୨ ମି. ଲି Triazophos ପ୍ରୟୋଗ କରନ୍ତୁ ।<br>• ଜଳ ସେଚନ ର ସୁବିଧା ଥିଲେ ସମୟ ଅନୁସାରେ ଜଳ ସେଚନ ଯୋଗାଇ ଦିଅନ୍ତୁ। |
| ପେଶୀ | ଅମଳ ଅବସ୍ଥା | • ପେଶୀ କିମ୍ବା ଟିସି କୁ ଅମଳ କରି ନିଅନ୍ତୁ।<br>• ମଞ୍ଜି କୁ ସଫା ସ୍ଥାନ ରେ ବାହାର କରନ୍ତୁ। |

| | | |
|---|---|---|
| | | • ଅମଳ ଟିସି କୁ ସୁରକ୍ଷିତ ସ୍ଥାନ ରେ ରଖନ୍ତୁ ଏବଂ ବଜାର ରେ ବିକ୍ରି କରିଦିଅନ୍ତୁ। |
| **ପନିପରିବା:** | | |
| **ଲଙ୍କା** | ଫୁଲ ଏବଂ ଫଳ | • ପତ୍ରମୋଡା ରୋଗର ନିୟନ୍ତ୍ରଣ ପାଇଁ Imidachloprid 17.8% SL@ 3 ml/10 lt ପାଣିରେ ମିଶାଇ ସିଂଚନ କରନ୍ତୁ।<br>• ଗଛ ଝାଉଂଳା ଦେଖା ଦେଲେ ଜଳ ସେଚନ ର ବ୍ୟବସ୍ଥା କରନ୍ତୁ।<br>• ଲଙ୍କା ରୁ ଲଙ୍କା ଆଚାର କିମ୍ବା ସସ ବନେଇକି ବିକ୍ରି କଲେ ଅଧିକା ଲାଭ ମିଳିବ। |
| **ଟମାଟ** | ଫୁଲ ଏବଂ ଫଳ | • ବାଡି ର ବ୍ୟବହାର କରିକି ଗଛ କୁ ଟେକିକି ରଖନ୍ତୁ, ଯେପରିକି ଟମାଟ ଫଳ ମାଟିର ସଂସ୍ପର୍ଶରେ ନ ଆସେ।<br>• ଟମାଟ ନାଲି ପଡିଆସୁଥିଲେ ତାକୁ ତୋଳି ଦିଅନ୍ତୁ।<br>• ଫଳ ବିନ୍ଧା ପୋକ ର ନିୟନ୍ତ୍ରଣ ପାଇଁ Flubendiamide@ 5 g/10ltପାଣିରେ ମିଶାଇ ସିଂଚନ କରନ୍ତୁ।<br>• ଲଙ୍କା ପରି ଟମାଟ କୁ ମଧ ଟମାଟ ସସ ବନେଇକି ବିକ୍ରି କରନ୍ତୁ। ଏହା ଦ୍ଵାରା ଅଧିକା ଲାଭବାନ ହୋଇପାରିବେ। |
| **ବାଇଗଣ** | ଫୁଲ ଏବଂ ଫଳ | • ପାକଳ ହୋଇଯାଇଥିବା ବାଇଗଣକୁ ତୋଳି ସୁରକ୍ଷିତ ସ୍ଥାନରେ ରଖନ୍ତୁ।<br>• କାଣ୍ଡ ଓ ଫଳ ବିନ୍ଧା ପୋକ କୁ ନିୟନ୍ତ୍ରଣ କରିବା ପାଇଁ Emamectin benzoate@ 4 g/10 lt ପାଣିରେ ମିଶାଇ ସିଂଚନ କରନ୍ତୁ। |
| **କାକୁଡି** | ଫଳ/ଅମଳ ଅବସ୍ଥା | • ନିୟମିତ ସମୟରେ ଜଳ ସେଚନ କରନ୍ତୁ।<br>• ଜିଆ ଖତ ବ୍ୟବହାର କରନ୍ତୁ।<br>• ପରିପକ୍ଵ କାକୁଡି ଅମଳ କରି ବଜାରରେ ବିକ୍ରି କରିଦିଅନ୍ତୁ।<br>• ଦାଉନି ମିଲଡିଉ ର ନିୟନ୍ତ୍ରଣ ପାଇଁ Mancozeb @ 2 ଗ ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।<br>• |
| **ପଶୁପାଳନ:** | | |
| **ଗୋପାଳନ** | | • ପିବା ପାଇଁ ଶୁଦ୍ଧ ଜଳ ଦିନକୁ 3-4 ଥର ଦିଅନ୍ତୁ।<br>• ଦିନ ସମୟରେ ଗ୍ରୀଷ୍ମଲହରୀ ର ପ୍ରଭାବ ପାଇଁ ଗାଈ ଚରେଇବାକୁ ବାହାରକୁ ଛାଡନ୍ତୁ ନାହିଁ। |
| **କୁକୁଡା ପାଳନ** | | • କୁକୁଡା ଘରକୁ ସଫା ଏବଂ ଥଣ୍ଡା ରଖିବାର ବ୍ୟବସ୍ଥା କରନ୍ତୁ। |

**ଯୋଗାଯୋଗ:**

**ନାମ: ଶୁଭକାନ୍ତ ସାମନ୍ତରାୟ**

**Email: subhakantaofficial95@gmail.com**

ଉତ୍ତମ କୃଷି ସୁବିଧା ବ୍ୟବହାର ପାଇଁ, OUAT କାଲିଙ୍ଗା ଉତ୍ପାଦଗୁଡିକ (ବିହନ, ଚାରା ଏବଂ QPM, ଟିସୁ ସଂସ୍କୃତି ଉଦ୍ଭିଦ, ଫଳ ଏବଂ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, କୁକୁଡ଼ା ଛୁଆ, ପ୍ରଜାତି, ଛତୁ ଏବଂ ସ୍ପନ୍, ବାୟୋ-ସାର, ବାୟୋ-କୀଟନାଶକ, ଜିଆ ଖତ, ଭର୍ମି କମ୍ପୋଷ୍ଟ ଏବଂ ଫାର୍ମ ପ୍ରୟୋଗ) |

IMD ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ଅବସ୍ଥାନର ଏଗ୍ରୋ-ମେଟେରୋଲୋଜିକାଲ୍ ପରାମର୍ଶଦାତା ବର୍ତ୍ତମାନ ଇଂରାଜୀ ଏବଂ ଓଡିଆ ଭାଷାରେ ମେଘଦୂତ ମୋବାଇଲ୍ ଆପ୍ ରେ ଉପଲବ୍ଧ |

**Download: (Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**